STRUGGLE UNITY PROGRESS

ALL INDIA DEMOCRATIC STUDENTS' ORGANISATION (AIDSO)

ODISHA STATE COUNCIL

Plot No. - 61, Road No. - 3, Gangotri Nagar, Sisupalgarh, Bhubaneswar - 2,
Phone/Fax No. : 0674-2343826, E-mail : aidsoorissa@yahoo.co.in, Website : www.aidso.in

Ref. No. :..... **Date : 12.09.2014**

ଶିକ୍ଷା ସମସ୍ୟା ବିରୁଦ୍ଧରେ ଅଲ୍ ଇଣ୍ଡିଆ ଡି.ଏସ୍.ଓ ନେତୃତ୍ୱରେ ସଚିବାଳୟ ସମ୍ମୁଖରେ ବିଶାଳ ଛାତ୍ର ବିକ୍ଷୋଭ

ଭୁବନେଶ୍ୱର ତା ୧୨/୦୯/୨୦୧୪ ବନ୍ୟାଞ୍ଚଳ ଛାତ୍ରଛାତ୍ରୀଙ୍କ ସମସ୍ତ ଫିସ୍ ଛାଡ, ଫିସ୍ ବୃଦ୍ଧି ପ୍ରତ୍ୟାହାର, ୧୬୫ ସ୍କୁଲ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର, ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍-ଫେଲ୍ ବ୍ୟବସ୍ଥା ପୁନଃ ପ୍ରଚଳନ, ଖାଲି ପଡିଥିବା ପଦବୀଗୁଡିକରେ ସ୍ଥାୟୀ ଭିତ୍ତିରେ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି, ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକରେ ଫିସ୍ ଆଦାୟରେ ସମାନତା ରକ୍ଷା ସହ ନିର୍ଦ୍ଧାରିତ ସମୟରେ ପରୀକ୍ଷା କରି ଫଳ ପ୍ରକାଶନ କରିବା, ବ୍ଲକ୍ ଗ୍ରାଣ୍ଟ ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ ପ୍ରଦାନ, ଶିକ୍ଷାର ବ୍ୟବସାୟୀକରଣ ଓ ସାମ୍ପ୍ରଦାୟୀକରଣ ବନ୍ଦ, ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ବାତିଲ, ଛାତ୍ରୀ-ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ବନ୍ଦ ପାଇଁ ପଦକ୍ଷେପ ଏବଂ ଛାତ୍ରଛାତ୍ରୀଙ୍କର ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଦାବିରେ ଆଜି ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (ଅଲ୍ ଇଣ୍ଡିଆ ଡି.ଏସ୍.ଓ) ପକ୍ଷରୁ ସଚିବାଳୟ ସମ୍ମୁଖରେ ଏକ ବିଶାଳ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ଛାତ୍ରଛାତ୍ରୀ ଯୋଗ ଦେଇଥିବା ଏହି ବିକ୍ଷୋଭ ସମାବେଶରେ ଅଲ୍ ଇଣ୍ଡିଆ ଡି.ଏସ୍.ଓର ରାଜ୍ୟ ସଭାପତି ଅକ୍ଷୟ ଦାସ, ଉପ-ସଭାପତି ସୁବାସ ନାୟକ, ଗଣେଶ ତ୍ରିପାଠୀ, ସମ୍ପାଦକ ଶିବାଶିଷ ପ୍ରହରାଜ, ସମ୍ପାଦକମଣ୍ଡଳୀ ସଦସ୍ୟ କେଦାରନାଥ ସାହୁ, ସିଦ୍ଧାର୍ଥ ରଥ, ସୋମନାଥ ବେହେରା, ବବି ବଳବନ୍ତରାୟ, କ୍ରିଷ୍ଣାରାଣୀ ସାହୁ, କାର୍ତ୍ତିକ ମହାନ୍ତ, ପରମାନନ୍ଦ ସାହୁ, ଖଗେଶ୍ୱର ମହାନ୍ତ, ଜୟନ୍ତ ମହାନ୍ତି, ନସିମ ସରକାର, ସୁନୀଲ ଭୋଇ, ମଧୁସ୍ମିତା ସାହୁ, ସୁରଜିତ ସ୍ୱାଇଁ ଓ ପ୍ରକାଶ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ଛାତ୍ରନେତାମାନେ କହିଥିଲେ ଯେ, ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ଯୋଗୁଁ ଶିକ୍ଷା ଏକ ପଣ୍ୟରେ ପରିଣତ ହୋଇଛି। ଫଳତଃ ବ୍ୟାପକ ଫିସ୍ ବୃଦ୍ଧି ହେଉଛି। କହିବା ବାହୁଲ୍ୟ ଯାହା ପାଖରେ ଟଙ୍କା ଅଛି, ସେ ହିଁ ଶିକ୍ଷାର ସୁଯୋଗ ପାଉଛି। ଆଉ ଉଚ୍ଚ ଶିକ୍ଷାର ସ୍ୱପ୍ନ ଦେଖୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଛନ୍ତି କିମ୍ବା ନିରାଶାରେ ଆତ୍ମହତ୍ୟା କରୁଛନ୍ତି। ଶିକ୍ଷା ପାଇଁ ଅର୍ଥ ଯୋଗାଡ କରି ନପାରି କିଛି ଦିନ ତଳେ ସୁନିତା, ବବିତା ଓ କନକ ଆତ୍ମହତ୍ୟା କରିବା ଘଟଣା ତାର ଜ୍ୱଳନ୍ତ ଉଦାହରଣ। ଡି.ପି.ଇ.ପି ଓ ସର୍ବଶିକ୍ଷା ଅଭିଯାନ ଦ୍ୱାରା ଶିକ୍ଷାର ମୂଳଦୁଆ ଧ୍ୱଂସ କରିବା ପରେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଦ୍ୱାରା ହାଇସ୍କୁଲ ଶିକ୍ଷାର ସର୍ବନାଶ କରାଗଲା। ସଂପ୍ରତି ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ଉଚ୍ଚ ଶିକ୍ଷାକୁ ତଳିତଳାନ୍ତ କରିବାର ଚକ୍ରାନ୍ତ ହୋଇଛି। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍-ଫେଲ୍ ଉଚ୍ଛେଦ ଓ ଗ୍ରେଡେସନ ବ୍ୟବସ୍ଥା ଲାଗୁ କରାଯାଇ ବର୍ଷ ବର୍ଷ ଧରି ପରିକ୍ଷିତ 3R (ଲିଖନ, ପଠନ, ପାଟୀଗଣିତ) ପଦ୍ଧତିକୁ ଧ୍ୱଂସ କରାଗଲା। କାମଚଳା ଦୃଷ୍ଟିଭଙ୍ଗୀ ମଧ୍ୟ ଦେଇ ଭାଷା ଶିକ୍ଷାକୁ ଅବହେଳା କରାଗଲା। ବାର୍ଷିକ ପରୀକ୍ଷା ପରିବର୍ତ୍ତେ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରଚଳନ କରାଗଲା। ଉଚ୍ଚ ଶିକ୍ଷା କ୍ଷେତ୍ରରେ ସେମିଷ୍ଟାର, ଟ୍ରାଇମିଷ୍ଟାର ଓ ସଂପ୍ରତି କୋର୍ସ କ୍ରେଡିଟ୍ ବ୍ୟବସ୍ଥା ଲାଗୁ କରାଯାଉଛି। ବର୍ଷ ବର୍ଷ ଧରି ସ୍କୁଲ କଲେଜମାନଙ୍କରେ ସ୍ଥାୟୀ ଭିତ୍ତିରେ ଶିକ୍ଷକ-ଅଧ୍ୟାପକ-କର୍ମଚାରୀ ନିଯୁକ୍ତି ଦିଆ ଯାଇନାହିଁ। ବ୍ଲକ୍ ଗ୍ରାଣ୍ଟ ଭଳି ଏକ ଅମାନବିକ ବ୍ୟବସ୍ଥା ଆଜି ମଧ୍ୟ ପ୍ରଚଳିତ ହେଉଛି। ଫଳତଃ ଶିକ୍ଷାଦାନ ବ୍ୟାପକ ଭାବରେ ବାଧା ପ୍ରାପ୍ତ ହେଉଛି। ଦୁର୍ନୀତି, ପରୀକ୍ଷା ପରିଚାଳନା, ମୂଲ୍ୟାୟନ ଓ ଫଳ ପ୍ରକାଶନରେ ବ୍ୟାପକ ତ୍ରୁଟି ଫଳରେ ବହୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡିଛି। ଏହା ସହିତ କର୍ମକାଣ୍ଡ, ପୁରୋହିତ ବିଦ୍ୟା, ବୈଦିକ ଗଣିତ ଓ ଜ୍ୟୋତିଷ ବିଦ୍ୟା ଭଳି ଅବୈଜ୍ଞାନିକ ପାଠ୍ୟକ୍ରମ ଚାଲୁ କରିବାକୁ ବ୍ୟାପକ ଉଦ୍ୟମ କରାଯାଉଛି। ଇତିହାସକୁ ବିକୃତ କରାଯାଇ ବହୁ ଅନୈତିହାସିକ ଓ ଉଦ୍ଭଟ କଥା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦିଆଯାଉଛି। ବିଜ୍ଞାନର ବୈଷୟିକ ଦିଗ ସହ ଧର୍ମୀୟ ଅନ୍ଧତାର ମିଶ୍ରଣ ଘଟାଇ ଫାସୀବାଦର ଭିତ୍ତି ଭୂମି ପ୍ରସ୍ତୁତ କରାଯାଉଛି।

ଏହିସବୁ ମାରାତ୍ମକ ଯୋଜନା ଲାଗୁ କରିବା ପାଇଁ ବ୍ୟୁରୋକ୍ରାଟମାନଙ୍କ ଦ୍ୱାରା ଶିକ୍ଷା ପରିଚାଳନା ହେଉଛି ଏବଂ ବିଭିନ୍ନ ଆଳରେ ଛାତ୍ର-ଶିକ୍ଷକ ଓ କର୍ମଚାରୀମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ଖର୍ବ କରାଯାଉଛି। ଛାତ୍ରସଂସଦ ନିର୍ବାଚନରେ ଲିଙ୍ଗଡୋ କମିଶନ ସୁପାରିଶ ଲାଗୁ କରିବା ତାର ଏକ ଜ୍ୱଳନ୍ତ ଉଦାହରଣ। ନିଜର ଶାସନ ଶୋଷଣକୁ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ ଶାସକ ଶ୍ରେଣୀ ଏହିଭଳିଭାବେ ଶିକ୍ଷା ଧ୍ୱଂସ ପାଇଁ ପଦକ୍ଷେପ ଗ୍ରହଣ କରିବା ସହ ଛାତ୍ର-ଯୁବକମାନଙ୍କର ନୈତିକ ମେରୁଦଣ୍ଡକୁ ଭାଙ୍ଗିଦେବା ପାଇଁ ଚକ୍ରାନ୍ତ କରିଛି। ମହାମନୀଷୀମାନଙ୍କ ଜୀବନ ସଂଗ୍ରାମକୁ ପାଠ୍ୟକ୍ରମରୁ ବାଦ ଦିଆଯାଉଛି ଅଥବା କାଳିମାଲିପ୍ତ କରାଯାଉଛି। ଅଶ୍ଳୀଳତା-ନଗ୍ନତା ଓ ମଦ-ମାଦକ ଦ୍ରବ୍ୟର ବ୍ୟାପକ ପ୍ରସାର ହେଉଛି। ଯଦ୍ୱାରା ଦିଲ୍ଲୀ, ବାଙ୍ଗାଲୁରଠାରୁ ଆରମ୍ଭ କରି ଗୁଜରାଟର ପାଟନ ପର୍ଯ୍ୟନ୍ତ ଏବଂ ଭୁବନେଶ୍ୱରଠାରୁ ଆରମ୍ଭ କରି ପିପିଲି, ବାଲିଆପାଳ, ଭଦ୍ରକ ପର୍ଯ୍ୟନ୍ତ ମହିଳା ବିଶେଷ କରି ଛାତ୍ରୀମାନେ, ଏପରିକି କୁନି କୁନି ଝିଅମାନେ ମଧ୍ୟ ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଏହି ପରିସ୍ଥିତିରେ ଉପରୋକ୍ତ ଦାବିରେ ଛାତ୍ର ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଅଲ୍ ଇଣ୍ଡିଆ ଡି.ଏସ୍.ଓ ପକ୍ଷରୁ କୁହାଯାଇଛି ଏବଂ ଏହି ଆନ୍ଦୋଳନକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀମାନଙ୍କୁ ନିବେଦନ କରାଯାଇଛି।

News By :
(Shibasis Praharaj)
Secretary
Contact No. - **8895123415**